
ପାଠ-୫

# ବଶିଷ୍ଠ ଓ ବିଶ୍ୱାମିତ୍ର

**STUDY NOTES**

## MIND MAP



**ବିଷୟ ପ୍ରବେଶ**

କବି ଅନନ୍ତ ପଟ୍ଟନାୟକଙ୍କର 'ବଶିଷ୍ଠ ଓ ବିଶ୍ୱାମିତ୍ର' କବିତାଟି ପ୍ରେମ ଓ କରୁଣାର ପରାକାଷ୍ଠା ଉପରେ ଆଧାରିତ ଏକ ବିଚିତ୍ର ପୌରାଣିକ ଆଖ୍ୟାୟିକା ଅଟେ । ଅହଙ୍କାରୀ ବିଶ୍ୱାମିତ୍ର କିପରି ପ୍ରେମ ଓ କରୁଣାର ପ୍ରତିମୂର୍ତ୍ତି ମହର୍ଷି ବଶିଷ୍ଠଙ୍କର ମହନୀୟତା ନିକଟରେ ପରାଜୟ ସ୍ୱୀକାର କରିଥିଲେ ତା'ର ଏକ ଅଭିନବ ପରିପ୍ରକାଶ ହିଁ ଆଲୋଚ୍ୟ କବିତା ଅଟେ । ଅପରପକ୍ଷରେ, ନିଜର ଶତପୁତ୍ରର ହତ୍ୟାକାରୀ ବିଶ୍ୱାମିତ୍ରଙ୍କୁ କ୍ଷମାର ସ୍ୱାର୍ଗୀୟ ବାରିଧାରାରେ ଅଭିଷିକ୍ତ କରି ତାଙ୍କୁ ମହର୍ଷି ସମ୍ବୋଧନ କରିବାରେ ବ୍ରହ୍ମର୍ଷି ବଶିଷ୍ଠଙ୍କର ମହନୀୟତା କବିତାଟିର ପୃଷ୍ଠଭୂମିକୁ ଏକ ଅପୂର୍ବ ସାତ୍ୱିକ ଶାନ୍ତିରସରେ ରସାଣିତ କରିଦେଇଅଛି ।

**ସାରକଥା**

ମହାମତି ବଶିଷ୍ଠ ଓ ଋଷି ବିଶ୍ୱାମିତ୍ରଙ୍କ ଚରିତ୍ରକୁ ନେଇ କବି ଅନନ୍ତ ପଟ୍ଟନାୟକ 'ବଶିଷ୍ଠ ଓ ବିଶ୍ୱାମିତ୍ର' କବିତାଟି ସୃଷ୍ଟି କରିଛନ୍ତି । କ୍ଷମାର ମହନୀୟତାରେ ଜଣେ ମହୀୟାନ ଥିଲାବେଳେ ଅପର ଜଣକ କ୍ରୋଧ ଓ ଅହଙ୍କାରର ନିକୃଷ୍ଟତାର ପଙ୍କରେ ନିମଜ୍ଜିତ ହୋଇପଡ଼ିଥିଲେ । ମାତ୍ର ଶେଷରେ କ୍ଷମାର ବିସ୍ତୃତ ବାରିଧିରେ କ୍ରୋଧର ବୁଦ୍‌ବୁଦ୍ ସମ ନିଜ ଅହଙ୍କାରର ଆବରଣକୁ ଭାଙ୍ଗିଦେଇ ଚିର ପ୍ରଶାନ୍ତି ଲାଭ କରିଛି । ବଶିଷ୍ଠଙ୍କ କ୍ଷମା ବାରିଧିରେ ଅବଗାହନ କରି ବିଶ୍ୱାମିତ୍ର ଧନ୍ୟ ହୋଇଛନ୍ତି । ବିଷୟଟିର ଆରମ୍ଭ ହୁଏ ଶ୍ରାବଣର ଏକ ବର୍ଷଣମୁଖର ରାତ୍ରିରୁ । ଆଶ୍ରମରେ ଶ୍ରାବଣର ବର୍ଷାର ରିମ୍‌ଝିମ୍ ତାନରେ ଋଷିପତ୍ନୀ ଅରୁନ୍ଧତୀ ରାତ୍ରଭୋଜନ ପ୍ରସ୍ତୁତ ପାଇଁ ବ୍ୟଗ୍ର ଥିଲାବେଳେ ଲବଣର ଅଭାବ ଅନୁଭବ କରିଛନ୍ତି । ପତି ବଶିଷ୍ଠଙ୍କୁ ଲବଣର ଆୟୋଜନ ନିମନ୍ତେ ଅନୁରୋଧ କରନ୍ତେ ସେ ବିଶ୍ୱାମିତ୍ରଙ୍କ ଘରୁ କିଛି ଲବଣ ମାଗି ଆଣିବାକୁ ଉପଦେଶ ଦେଇଛନ୍ତି । ଅତୀତରେ ବିଶ୍ୱାମିତ୍ର ବଶିଷ୍ଠଙ୍କର ଶହେ ପୁଅଙ୍କୁ ଗୋଟି ଗୋଟି କରି ହତ୍ୟା କରିଥିଲେ । ବଶିଷ୍ଠ ତାଙ୍କୁ 'ମହର୍ଷି' ସମ୍ବୋଧନ କରିବାକୁ କୁଣ୍ଠା ପ୍ରକାଶ କରିଥିବାରୁ ସେ ଏହି ପାଶବ କର୍ମ କରିଥବଲେ । ଅରୁନ୍ଧତୀ ଥିଲେ ପୁତ୍ର ଶୋକାତୁରା ଜନନୀ । ପୁତ୍ରବିଚ୍ଛେଦଜନିତ ଦାରୁଣ ଶୋକାଗ୍ନିରେ ସେ ଦିବାରାତ୍ର ଦଗ୍ଧୀଭୂତ ହେଉଥିଲେ । ବର୍ତ୍ତମାନ ପତି ବଶିଷ୍ଠ ମୁଖରୁ ପୁତ୍ରହନ୍ତା ଘରୁ ଲବଣ ମାଗିବାର ଉପଦେଶ ଶୁଣି ଅରୁନ୍ଧତୀ କ୍ରୋଧ ଓ ଦୁଃଖରେ ମର୍ମାହତ ହୋଇ କହିଛନ୍ତି

"ଜନନୀ ମୁଁ ଶୋକାତୁରା

ତା' ଆଶ୍ରମେ ଯିବି କେଉଁପରି ?

ଅଦ୍ଭୁତ , ଆଦେଶ ମହର୍ଷି

ଭାଗ୍ୟର ଏ ଉପହାସ ପରି ।"

ବାସ୍ତବରେ ବିଶ୍ୱାମିତ୍ରଙ୍କ ପାଇଁ ବଶିଷ୍ଠଙ୍କ ହୃଦୟରେ ଅନ୍ତଃସ୍ରାବୀ ଫଲ୍‌ଗୁସମ ଏହି ଅନାବିଳ ପ୍ରେମର ପଟାନ୍ତର ନାହିଁ । ନିଜର ଶତପୁତ୍ରର ହତ୍ୟାକାରୀଠାରୁ ସାମାନ୍ୟ ଲବଣ କାଣିଚାଏ ପାଇଁ ପତ୍ନୀଙ୍କୁ ପ୍ରେରଣା ଦେବାର ଦୃଷ୍ଟାନ୍ତ ସମଗ୍ର ବିଶ୍ୱ ଇତିହାସରେ ମଧ୍ୟ ବିରଳ । ମହର୍ଷି ବୀଷ୍ଠଙ୍କର ସେହି ମହନୀୟ ବଚନାମୃତକୁ କବି ବର୍ଣ୍ଣନା କରିଛନ୍ତି ।

"ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ, ତାକୁ ଭଲ ପାଏ ।"

ପତିଙ୍କ ମୁଖରୁ ଆତତାୟୀ ପ୍ରତି ଅକୁଣ୍ଠ ପ୍ରେମ ଓ ଭଲ ପାଇବା ଶବ୍ଦ ଶୁଣି ଋଷିପତ୍ନୀ ଅରୁନ୍ଧତୀ ଚମତ୍କୃତ ହୋଇଉଠିଛନ୍ତି । ସ୍ୱାମୀଙ୍କୁ ସେ ଜିଜ୍ଞାସାମୂଚକ ପ୍ରଶ୍ନ ପଚାରିଛନ୍ତି ।

"ଭଲ ପାଅ ଭଲ ପାଅ ଯଦି
ଡ଼ାକିଥିଲେ ମହର୍ଷି ତାହାରେ
ଜୀବନ ଏ ରକ୍ତେ ଅରୁଣିତ
ନୋହିଥାନ୍ତା ଆର୍ତ ହାହାକାରେ ।"

ଅତୀତରେ ବଶିଷ୍ଠଙ୍କ ମୁଖରୁ 'ମହର୍ଷି' ସମ୍ବୋଧନ ଶୁଣିବାପାଇଁ ବିଶ୍ୱାମିତ୍ର ବ୍ୟାକୁଳ ଥିଲେ । ଏପରିକି ସେତିକି ସମ୍ବୋଧନରୁ ବଂଚିତ ହୋଇଥିବାରୁ ସେ ପ୍ରତିଶୋଧପରାୟଣ ହୋଇ ତାଙ୍କର ସମସ୍ତ ପୁତ୍ରଙ୍କୁ ଗୋଟି ଗୋଟି କରି ହତ୍ୟା କରଥିଲେ । ଋଷିପତ୍ନୀ ଅରୁନ୍ଧତୀ ସ୍ୱାମୀଙ୍କୁ ସୂଚାଇ ଦେଇଛନ୍ତି ଯେ ଯଦି ବଶିଷ୍ଠ ବିଶ୍ୱାମିତ୍ରଙ୍କୁ ଭଲପାଆନ୍ତି ତେବେ ତାଙ୍କୁ ଥରୁଟିଏ ମାତ୍ର ମହର୍ଷି ସମ୍ବୋଧନ କଲେ ନାହିଁ କାହିଁକି ଯାହାର ପରିଣାମ ତାଙ୍କୁ ଆଜି ପୁତ୍ରଶୋକରେ ଭସାଇ ଦେଉଛି । ମାତ୍ର ଏ କ୍ଷେତ୍ରରେ ବଶିଷ୍ଠଙ୍କ ଉତର ଆହୁରି ରହସ୍ୟମୟ ତଥା ଭାବଗର୍ଭକ ଅଟେ । ଋଷିଙ୍କର ସେହି ଲିକ୍ଷ୍ମୟିତ ଅନାବିଳ ଦିବ୍ୟ ପ୍ରେମର ବର୍ଣ୍ଣନା କରିଛନ୍ତି କବି ଅନନ୍ତ ପଟ୍ଟନାୟକ ।

"ମହର୍ଷି ମୁଁ ଡ଼ାକି ନାହିଁ ତାକୁ
ପ୍ରାଣେ ପ୍ରାଣେ ଭଲ ପାଏ ବୋଲି ।"

ବଶିଷ୍ଠଙ୍କର ଏହି ଉତରରେ ଘଟଣାର ଭିନ୍ନ ମୋଡ଼ ନେଇଛି । ନାଟକୀୟ ଭାବରେ ଖଡ଼୍‌ଗହସ୍ତ ବିଶ୍ୱାମିତ୍ର ବଶିଷ୍ଠଙ୍କ ପାଦତଳେ ପଡ଼ି କ୍ଷମା ମାଗିଛନ୍ତି । ସେ ଆତତାୟୀ ବେଶରେ ଆସିଥବଲେ ବଶିଷ୍ଠଙ୍କ ହତ୍ୟା କରିବାପାଇଁ । ମାତ୍ର ବଶିଷ୍ଠଙ୍କର ଦିବ୍ୟ ଅନାବିଳ ଭଲପାଇବା ଶବ୍ଦ ତାଙ୍କର ସମସ୍ତ କ୍ରୋଧକୁ ଅନୁତାପରେ ରୂପାନ୍ତରିତ କରିଦେଇଛି । ଅନୁତାପସିକ୍ତ କଣ୍ଠରେ ବିଶ୍ୱାମିତ୍ର ବଶିଷ୍ଠଙ୍କ ପାଦତଳେ ପଡ଼ି କହିଛନ୍ତି

"କ୍ଷମାକର, କ୍ଷମାକର ମୋତେ
ନାଶ ମୋର ପାଶବ-ପ୍ରୟାସ ।"

କରୁଣାସିକ୍ତ ବଶିଷ୍ଠ ବିଶ୍ୱାମିତ୍ରଙ୍କ କ୍ଷମାଭିକ୍ଷାକୁ ସ୍ୱୀକାର କରି ପ୍ରେମ ଗଦ୍‌ଗଦ୍‌ରେ ତାଙ୍କୁ ତୋଳିଧରି କହିଛନ୍ତି – "ଉଠ ଏବେ ଉଠ ହେ ମହର୍ଷି" । ଦେବତାର ପ୍ରେମଫଲ୍‌ଗୁରେ ଦାନବର ପାଶବ ମନୋବୃତି ଦ୍ରବୀଭୂତ ହୋଇଯାଇଛି । ପ୍ରେମ ଓ କରୁଣା ନିକଟରେ କ୍ରୋଧ ଓ ଔଦ୍ଧତ୍ୟ ଚିର ପଦାନତ ହୋଇଛି । ଋଷିପତ୍ନୀ ଅରୁନ୍ଧତୀ ମହାନୁଭବ ପତିଙ୍କର ଏହି ସ୍ୱର୍ଗୀୟ ପ୍ରେମ ବନ୍ୟାରେ ଦ୍ରବୀଭୂତ ହୋଇ ଅଶ୍ରୁବର୍ଷା କରି ଭାବ ଗଦ୍‌ଗଦ ସ୍ୱରରେ କହିଉଠିଛନ୍ତି ।

"ମହୀୟାନ୍ ଦେବତାରେ ଭଲା
        ଜାଣିଥାନ୍ତି ମୁହିଁ କେଉଁପରି ।"

ବାସ୍ତବରେ କ୍ଷମା ଓ କରୁଣାର ଏହି ଅପୂର୍ବ ମନ୍ଦାକିନୀରେ ସ୍ନାନକରି ବଶିଷ୍ଠ ଓ ବିଶ୍ୱାମିତ୍ର ଉଭୟେ ଶତ୍ରୁତାର ଚକ୍ରବ୍ୟୂହରୁ ମୁକ୍ତିଲାଭ କରି ସ୍ୱର୍ଗୀୟ ମୈତୀ ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି ଅନନ୍ତକାଳ ପାଇଁ ।

ODM EDUCATIONAL GROUP
Changing your Tomorrow